# ମାଉଡିଗୁଡ଼ାରେ ଧାର୍ତ୍ତି ରାଣୀ ମହୋତ୍ସବ



ରାୟଗଡ଼ା,୧୮।୧(ସମିସ): କନ୍ଧ ଜନଜାତି ଓଡ଼ିଶାର ସବୁଠାରୁ ବଡ଼ ଜନଜାତି ଗୋଷ୍ଠୀ ଓ ଏହି ଗୋଷ୍ଠୀର ସଂସ୍କୃତି ହେଉଛି ଓଡ଼ିଶାର ମାଟିମାନବ ସମ୍ପର୍କର ଜୀବନ୍ତ ଦଲିଲ। ଏହି ଜନଜାତିର ଅନନ୍ୟ ସଂସ୍କୃତି ଓ ପରମ୍ପରାକୁ ସାଇତି ରଖିବା ଲାଗି ଜନଜାତିଙ୍କ ପ୍ରୟାସ ନିଶ୍ଚିତ ଭାବରେ ଗୌରବ ବିଷୟ। କନ୍ଧ ଜନଜାତି ସଦା କାଳେ ସଂଗ୍ରାମୀ ଓ ସାହସୀ ଜନଜାତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାୟଗଡା ଜିଲ୍ଲା କୋଲନରା ବ୍ଲକ ମାଉଡ଼ିଗୁଡା ଠାରେ ସହୀଦ ଲକ୍ଷ୍ମଣ ନାୟକ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ଧାର୍ତ୍ତି ରାଣୀ ମହୋତ୍ସବ। ଦୁଇ ଦିନ ବ୍ୟାପୀ ଆୟୋଜିତ ଏଇ ମହୋତ୍ସବର ପ୍ରଥମ ଦିନରେ ନିକଟସ୍ଥ ନାଗାବଳୀ ନଦୀରୁ ଜଳ ସଂଗ୍ରହ ସହ ମଞ୍ଚରେ କଳସ ସ୍ଥାପନ ହୋଇଥିଲା। ଗ୍ରାମର ଗୁରୁମାଇ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ କୋଲନରା ବ୍ଲକ ଅଧକ୍ଷା ସଂଯୁକ୍ତା କୁଲିସିକା, ବିଶେଷ ଅତିଥି ଭାବେ ଜନଜାତି ଗବେଷକ ଡ଼ ଦ୍ୱିତୀ ଚନ୍ଦ୍ର ସାହୁ ଯୋଗ ଦେଇଥିବାବେଳେ ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘର ନାରୀ ନେତ୍ରୀ ମତି ଲକ୍ଷ୍ମୀ ପ୍ରାସ୍କା ଓ ସଂଘର ସାଧାରଣ ସମ୍ପାଦକ ଟିବୁ ସାରକା ଯୋଗ ଦେଇ ରାୟଗଡା ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ବିକାଶରେ କନ୍ଧ ଜନଜାତିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ ଜନଜାତି ନୃତ୍ୟ ପ୍ରଦର୍ଶନ ସହ କୁଇ, ଦେଶିଆ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା। ସମସ୍ତ ନୃତ୍ୟ ଦଳ ଓ କଳାକାରଙ୍କୁ ଅତିଥିମାନଙ୍କ ଦ୍ୱାରା ସ୍ମାରକୀ ପ୍ରଦାନପୂର୍ବକ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଜନଜାତି ଗବେଷଣା ଓ ପ୍ରକାଶନ ପାଇଁ ଡ଼ ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ ଉପଢୌକନ, ସ୍ମାରକୀ ପ୍ରଦାନ ପୂର୍ବକ ଧର୍ତ୍ତି ରାଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଟୁ ମିଣିଆକା, ରାମବାବୁ ମିଣିଆକା, ମୁନ୍ନା ହିମିରିକା, କୈଳାସ ମିନିଆକା, ଅଜନ୍ତ ମିଣିଆକା ପ୍ରମୁଖ ସମଗ୍ର ମହୋତ୍ସବକୁ ସଂଚାଳନ କରିଥିବାବେଳେ ମାଉଡିଗୁଡାଗ୍ରାମବାସୀ ସମସ୍ତଙ୍କୁ ପାରମ୍ପରିକ ନୃତ୍ୟ ଗୀତ ଓ ପୂଜନ ସହ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଡ. ଦ୍ୱିତୀଚନ୍ଦ୍ର ସାହୁ ପାଇଲେ ଧାର୍ତ୍ତି ରାଣୀ ସମ୍ମାନ

# ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟକଳ୍ପ ଦଳ



ନନ୍ଦପୁର,୧୮।୧ (ସମିସ): କାୟକଳ୍ପ ଯୋଜନା ଅଧୀନରେ ଗଠିତ ମୂଲ୍ୟାଙ୍କନ ଦଳ ଆଜି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିଦର୍ଶନ କାଳରେ ଦଳ ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ତର୍ବିଭାଗ ଓ ବହିର୍ବିଭାଗ ସହ ଅନ୍ତେବାସୀ ବ୍ୟବସ୍ଥା, ବିଭିନ୍ନ ପ୍ରକାରର ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା, ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବ୍ୟବସ୍ଥାକୁ ଯାଞ୍ଚ କରାଯାଇଥିଲା। ଏହା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମେତ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାୟକଳ୍ପ ମୂଲ୍ୟାଙ୍କନ ଦଳରେ ଆଇଡିଏସ.ପି ସେଲ ମୁଖ୍ୟ ଡଃ ସୁରଜିତ ଗରାବଡୁ, ବର୍ଜ୍ୟବସ୍ତୁ ପରିଚାଳନା କନସଲଟାଣ୍ଟ ଡଃ ସୌମ୍ୟକାନ୍ତ ପାତ୍ର ଏବଂ ୟୁନିସେଫ୍ କନସଲଟାଣ୍ଟ ଡଃ. ଅନିଲ କୁମାର ପଟ୍ଟନାୟକ ଅନ୍ତର୍ଭୁକ୍ତ ଥିଲେ। ଜିଲ୍ଲାସ୍ତରରୁ ଆସିଥିବା କ୍ୱାଲିଟି ଆସ୍ୟୁରାନ୍ସ ଆସିଷ୍ଟାଣ୍ଟ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଭୋଇ ସମଗ୍ର ପରିଦର୍ଶନ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ଏହି ଅବସରରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡଃ ଅମିତ୍ କୁମାର ସାହୁ ସହ ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରୁ ଉଦ୍ଧାର ଗୌରଚନ୍ଦ୍ରଙ୍କ ମୃତ୍ୟୁ

ବୈପାରୀଗୁଡ଼ା,୧୮।୧(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତ ମୁଣ୍ଡିଗୁଡା ଛକ ରାସ୍ତାକଡ଼ରେ ଗତକାଲି ବିଳମ୍ବିତ ରାତିରେ ମୁଣ୍ଡିଗୁଡା ଗାଁର ଗୌରଚନ୍ଦ୍ର ଗୋରାହାଣ୍ଡିଆ ଗୁରୁତର ଅବସ୍ଥାରେ ପଡିଥିବା ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଗୌରଚନ୍ଦ୍ରଙ୍କ ହାତ, ଛାତି ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତରେ ଗୌରଚନ୍ଦ୍ର ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ ଏବଂ କେମିତି ଘଟିଛି ଏ ଘଟଣା ତାକୁ ନେଇ ବୈପାରୀଗୁଡା ଗାଁରେ ପହଞ୍ଚି ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି ଥାନା ଓଆଇସି ଡମ୍ବୁରୁଧର ବର୍ତ୍ତିଆ।

# ତହସିଲ ଓ ଓକିଲ ଇଲେଭେନ୍ କ୍ରିକେଟ୍ ମ୍ୟାଚ

ଉମରକୋଟ ୧୮।୧ (ସମିସ): ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ତହସିଲ ଇଲେଭେନ ଓ ଓକିଲ ଇଲେଭେନ ମଧ୍ୟରେ ଆଜି ଉମରକୋଟ ଡିଏନକେ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା। ଓକିଲ ଇଲେଭେନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତି ନେଇଥିଲେ। ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୫ ରନ କରିଥିଲେ। ବିବେକ ବୈଦ୍ୟ ସର୍ବାଧିକ ୧୭ ରନ ସ୍କୋର କରିଥିଲେ। ଓକିଲ ଇଲେଭେନ ପକ୍ଷରୁ କୃଷ୍ଣ ପ୍ରସାଦ ପଟ୍ଟନାୟକ ଅଧିନାୟକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଜବାବରେ ତହସିଲ ଇଲେଭେନ ୧୧ ଓଭର ରେ ୮୬ ରନ କରି ବିଜୟୀ ହୋଇଥିଲେ। ତହସିଲ ଇଲେଭେନର ମୁକ୍ତି ଜେନା ସର୍ବାଧିକ ୩୦ ରନ କରିଥିଲେ। ମୁକ୍ତି ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ତହସିଲ ଇଲେଭେନ ଦଳ ପାଇଁ ଉମରକୋଟ ତହସିଲଦାର ମେଘବାନ ବାଗ ଅଧିନାୟକ ଭାବରେ ଦାୟତ୍ୱ ନିର୍ବାହ କରିଥିଲେ। ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଶାନ୍ତନୁ କୁମାର ବାହିନୀପତି, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ,ଆଶୁତୋଷ ହାଲଦାର, ଯୋଗେନ୍ଦ୍ର କଲାର, ରାଜସ୍ୱ ନିରୀକ୍ଷକ ରାଜେଶ ଦେୱାରୀ, ରାଜେନ୍ଦ୍ର ସାହୁ, ସୁଧୀର ପାଢ଼ୀ, ପୁରୁଷତ୍ତମ କୋଲାଥିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଚାଲିଛି ପକ୍ଷୀ ଗଣନା

ବୈପାରିଗୁଡ଼ା,୧୮।୧(ସମିସ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବୈପାରୀଗୁଡାରେ ଆରମ୍ଭ ହୋଇଛି ପକ୍ଷୀଗଣନା। ବୈପାରୀଗୁଡା ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ତଥା ରବିବାର ସକାଳ ୬ଟାରୁ ପକ୍ଷୀଗଣନା ଆରମ୍ଭ ହୋଇଛି। ବିଶେଷ କରି ବୈପାରୀଗୁଡା ବନାଞ୍ଚଳ ଅଧିନସ୍ଥ ଘସର୍ଡା, ନୂଆ ଘସର୍ଡା, କୋଟା, ଝଡଙ୍ଗା, ଦିଗାପୁର, ଘିଉରି ଘାଟ ତଥା ଅହ୍ୱାନଗୁଡାରେ ପକ୍ଷୀ ଗଣନା କରାଯାଇଛି। ୭ଟି ଜଳାଶୟ ତଥା ସ୍ଥାୟୀ ଜଳମଗ୍ନ ଅଞ୍ଚଳରେ ଏଭଳି ପକ୍ଷୀ ଗଣନା ଆରମ୍ଭ ହୋଇଯାଇଛି। ଗଣନା କରାଯାଇଥିବା ପକ୍ଷୀ ମାନଙ୍କ ମଧ୍ୟରୁ ଗେଣ୍ଡାଳିଆ, ଛୋଟ ବଗ, କାଣ୍ଡି ବଗ, ଗୋଠ ବଗୁଲି, କଜଳପାତି, ଛୋଟ ପାଣିକୁଆ, ବଣି, ଛୋଟ ମାଛରଙ୍କା ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା କରାଯାଇଛି। ଏଥିରେ ବନପାଳ ଲଳିତା ହରିଜନ, ରବିନ୍ଦ୍ର ପ୍ରଧାନ, ରଞ୍ଜିତା ନାୟକ, ଶ୍ରୀନିବାସ ରାଓ, ବନରକ୍ଷୀ ମନୋରମ ଦେବୀ, ପ୍ରିୟଦର୍ଶିନୀ କର, କରୁଣା ଡିଶାରୀ, ବର୍ଷା ପ୍ରିୟଦର୍ଶିନୀ ନାୟକ, ଦୀପ୍ତି ବେହେରା, ରମେଶ ପାଣ୍ଡି ଓ ଅନ୍ୟାନ୍ୟ ବନରକ୍ଷୀଙ୍କ ସହ ପାରା ଷ୍ଟାଫ୍ କୁ ନେଇ ୪ଟି ଟିମ୍ ପକ୍ଷୀ ଗଣନାରେ ନିୟୋଜିତ ହୋଇଥିଲେ। ଜୟପୁର ବନଖଣ୍ଡ ଏସିଏଫ ପ୍ରସନ୍ନ କୁମାର ମିଶ୍ର ପକ୍ଷୀ ଗଣନାର ତଦାରଖ କରିଥିଲେ।

# କୋରାପୁଟ ସାଂସଦଙ୍କୁ ପ୍ରେସ୍ କ୍ଲବ୍‌ର ସ୍ମାରକପତ୍ର ପ୍ରଦାନ



ନନ୍ଦପୁର,୧୮।୧ (ସମିସ): କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ନନ୍ଦପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ନେଇ ନନ୍ଦପୁର ଗସ୍ତରେ ଆସିଥିବା ବେଳେ ନନ୍ଦପୁର ପ୍ରେସ କ୍ଲବର ସଦସ୍ୟ ସଭାପତି ତ୍ରିନାଥ ଖରା, ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ଶ୍ରୀରାମ ଖରା, ହିରଣ୍ୟ ବିଶୋଇ, ସାମୁଏଲ ଖେମୁଣ୍ଡୁ ପ୍ରମୁଖତାଙ୍କୁ ସାକ୍ଷାତ କରି ଏକ ସ୍ମାରକ ଚିହ୍ନ ଉପହାର ଦେବା ସହ ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଅବା ଇଣ୍ଟର ସିଟି ଏକ୍ସପ୍ରେସ୍ ରେଳ ଭାୟା ଆରକୁଭେଜା ଦେଇ କୋରାପୁଟ ଜୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସୂଚିତ ଯେ ଆନ୍ଧ୍ର ସୀମାନ୍ତ ଏହି ଅଞ୍ଚଳର ଲୋକମାନଙ୍କ ପାଇଁ ରାଜଧାନୀ ଓ ମୁଖ୍ୟ ସହର ସହ ଗମନାଗମନ ସୁବିଧା ପାଇଁ ଏହାର ଆବଶ୍ୟକତା ରହିଛି। ଏହି ବିଷୟକୁ ଗୁରୁତ୍ୱ ଦେଇ ସାଂସଦ ମହୋଦୟ ଲୋକସଭାରେ ଦୃଢ଼ ସ୍ୱରରେ ଦାବି ଉପସ୍ଥାପନ କରି ଦୀର୍ଘଦିନର ସ୍ୱପ୍ନ ପୂରଣରେ ସହାୟକ ହେବେ ବୋଲି ଆଶା ବ୍ୟକ୍ତ କରାଯାଇଥିଲା।

# ଦେଶ ସୁରକ୍ଷାରେ ନିଯୁକ୍ତ ଦୁଇ ଭାଇଙ୍କୁ ସମ୍ବର୍ଦ୍ଧନା



କୋଷାଗୁମୁଡା,୧୮।୧(ସମିସ): କୋଷାଗୁମୁଡା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଘୋଡାଧୋନୁଆ (କୁମିଗୁଡା) ଗ୍ରାମର ଖଗୁ ଭତରା ଓ ଗୁରୁବାରି ଭତରାଙ୍କ ଦୁଇ ସୁପୁତ୍ର କମଳସିଂ ଭତରା ଓ ବୁଦ୍ଧୁ ଭତରା ସିଆଇଏସଏଫ ଓ ବିଏସଏଫ ରେ ନିଯୁକ୍ତି ପାଇଛନ୍ତି। ତାଙ୍କ ପିତା ଜଣେ ଚାଷୀ ହୋଇଥିବା ବେଳେ ମା ଜଣେ ଗୃହିଣୀ। ଦୁହେଁ ଚାଷକାମ କରିବା ସହିତ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି। ପରିବାରର ଆର୍ଥିକ ସ୍ଥିତି ସେତେ ସ୍ୱଚ୍ଛଳ ନଥିଲେ ହେଁ ପିତାମାତା ପୁଅ ଦୁଇଙ୍କୁ ଶିକ୍ଷାଦାନ ଦେବାରେ ଅବହେଳା କରି ନାହାନ୍ତି। ଦୁଇଭାଇ ସୁରକ୍ଷା ବିଭାଗରେ ନିଯୁକ୍ତି ପାଇବା ପରେ ଏବେ ଗ୍ରାମବାସୀ ଦୁଇଭାଇଙ୍କୁ ନେଇ ବେଶ ଗର୍ବିତ ଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ କୁମିଗୁଡା ବିଦ୍ୟାଳୟର ଶିକ୍ଷକ ପଞ୍ଚା ରନ୍ଧାରୀ, ବିଜେପି ମଣ୍ଡଳ ସଭାପତି ବଳଧର ମାଝୀ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗିରିଧର ପୂଜାରୀ, ଯୁବ ମୋର୍ଚ୍ଚା ସଭାପତି ଧନୁର୍ଜୟ ଭତରା ପ୍ରମୁଖ ଖଗୁ ଭତରାଙ୍କ ଘରେ ପହଞ୍ଚି ଦୁଇ ଭାଇଙ୍କୁ ଶୁଭେଚ୍ଛା ଜଣେଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୧୮।୧(ସମିସ): ରାୟଗଡା ବନାଞ୍ଚଳ ପକ୍ଷରୁ ଆଜି ଗୁମ୍ମା ସେକ୍ସନ ଅନ୍ତର୍ଗତ ସଂକେଶ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବଣଭୋଜି ସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ଗୁମ୍ମା ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଗ୍ରାମବାସୀ, ରାୟଗଡ଼ ଏନ.ସି.ସି କ୍ୟାଡର, ରାୟଗଡ଼ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ରିପୁ କୁମାର ସାହୁ ଓ କର୍ମଚାରୀମାନେ, ସହିତ ରାୟଗଡା ବନାଞ୍ଚଳର ସମସ୍ତ ବନ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ କାମେଶ୍ୱର ଆଚାରୀ, ବନାଞ୍ଚଳ ଅଧିକାରୀ, ରାୟଗଡା , ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବ୍ୟବହାର କିପରି କମ କରାଯାଇପାରିବ, ପ୍ଲାଷ୍ଟିକ ଦ୍ୱାରା ପରିବେଶ ଉପରେ ପଡୁଥିବା କୁ-ପ୍ରଭାବ, ତାହାର ପ୍ରତିକାର ଉପାୟ, ଏବଂ ବଣଭୋଜି ସ୍ଥଳରେ କଣ ବ୍ୟବହାର କରିବା ଓ କଣ ବ୍ୟବହାର ନ କରିବା ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସରକାରୀ କର୍ମଚାରୀ, ଗୁମ୍ମା ଗ୍ରାମପଞ୍ଚାୟତର ଗ୍ରାମବାସୀ ଓ ରାୟଗଡ଼ ଏନସିସି କ୍ୟାଡର ସଦସ୍ୟମାନେ ସଂକେଶ ବଣଭୋଜି ସ୍ଥଳରୁ ପ୍ଲାଷ୍ଟିକ ଅବର୍ଜନା ଯଥା ପଲିଥିନ, ପାଣି ପାଉଚ, ମସଲା ଜରି, ପେପର ପ୍ଲେଟ ଇତ୍ୟାଦି ସଫା କରି ସେହି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିଥିଲେ। ସେହି ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ଅଳିଆ ନ ଫିଙ୍ଗିବା ପାଇଁ ଶପଥ ପାଠ କରାଯାଇଥିଲା ଓ ଅଳିଆ ନିମିତ୍ତେ କୁଣ୍ଡ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଶ୍ରୀ ଆଚାରୀ ପରିଚାଳନା କରିଥିଲେ।

# କୋଟପାଡ଼ରେ ପକ୍ଷୀ ଗଣନା

କୋଟପାଡ଼, ୧୮।୧ (ସମିସ): କୋଟପାଡ଼ ଅଞ୍ଚଳରେ ପକ୍ଷୀ ଗଣନା ହୋଇଛି। ଆଜି ଜୟପୁର ବନ ବିଭାଗ ଏସିଏଫ ଅମିତ ନାୟକଙ୍କ ନେତୃତ୍ୱରେ କୋଟପାଡ଼ ଅଞ୍ଚଳର ଦମୟନ୍ତୀ ସାଗର ଓ ଦିୱାନ ମୁଣ୍ଡାଙ୍କ ସହିତ ଅନ୍ୟ କର୍ମଚାରୀ ପୋଖରୀ ମାନଙ୍କରେ ପକ୍ଷୀ ଗଣନା କରିଛନ୍ତି। ଚଳିତ ବର୍ଷ ୨୦ ପ୍ରକାର ପ୍ରଜାତିର ପକ୍ଷୀ ଓ ୩୦୦୦ରୁ ଅଧିକ ସଂଖ୍ୟାର ପକ୍ଷୀ ଦେଖିବାକୁ ମିଳିଥିଲା। ପକ୍ଷୀ ଗଣନା ସମୟରେ କୋଟପାଡ଼ ବନ ବିଭାଗର ବନପାଳ ମିହିର କୁମାର ପ୍ରଧାନ, ସୂଦୀପ୍ତା ନାୟକଙ୍କ ସହିତ ସମସ୍ତ ବନରକ୍ଷୀ ଓ ଗାର୍ଡ ମାନେ ଉପସ୍ଥିତ ଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ଼ ଠିକାଦାର ସଂଘର ବାର୍ଷିକ ସମ୍ମିଳନୀ



କୋରାପୁଟ,୧୮।୧(ସମିସ): ସ୍ଥାନୀୟ ଟାଉନ ହଲ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ଼ ଠିକାଦାର ସଂଘର ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସଂଘର ସଭାପତି କାଳୀପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡା ଜିଲ୍ଲାରୁ ପ୍ରାୟ ୮୦ରୁ ଅଧିକ ଠିକାଦାର ଯୋଗ ଦେଇଥିଲେ। ଏଥିରେ ଗତ ୩ ତାରିଖ ଦିନ ରାଜ୍ୟ ସରକାରଙ୍କ ୱାର୍କସ ଡିପାଟମେଣ୍ଟ ତରଫରୁ ଠିକାଦାର ମାନଙ୍କ କାର୍ଯ୍ୟକୁ ନେଇ ଯେଉଁ ନିୟମ ପ୍ରକାଶ କରାଯାଇଛି, ତାହାକୁ ଦୃଢ଼ ବିରୋଧ କରାଯିବା ସହ ସେହି ନିୟମକୁ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାରଙ୍କ ଏଭଳି ନିୟମ ଯୋଗୁଁ ଠିକାଦାର ମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହ ରାଜ୍ୟରେ ଅତି ନିମ୍ନମାନର କାର୍ଯ୍ୟ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଅବିଭକ୍ତ କୋରାପୁଟ ଜିଲ୍ଲାର ଠିକାଦାର ମାନେ କାର୍ଯ୍ୟସ୍ଥଳରେ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହାର କିଭଳି ପ୍ରତିକାର କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପ ସଭାପତି ଜଗନ ମହାପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, କୋଷାଧକ୍ଷ ବାସୁଦେବ ନାୟକଙ୍କ ସମେତ ଠିକାଦାର ଚେତନ ବିଶୋଇ ଓ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ।

# ନୂତନ ଠିକାଦାର ସଂଘ ଗଠିତ

ଜୟପୁର,୧୮।୧(ସମିସ): ଜୟପୁର ଜୟନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ନୂତନ ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଚନ୍ଦ୍ରମଣୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଠିକାଦାର ମାନଙ୍କ ବିଲ ପଇଠ, ସରକାର ଟେଣ୍ଡର ପ୍ରକ୍ରିୟାକରଣରେ ଯେଉଁ ନିୟମ ଜାରି କରିଛନ୍ତି ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କମିଟି ଗଠନ କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ପଦ୍ମନ ହରିଜନ, ଉପସଭାପତି ବିନିତ ସତମନ, ସାଧାରଣ ସଂପାଦକ ହେମନ୍ତ ତ୍ରିପାଠୀ, ସହ ସଂପାଦକ ଶ୍ରୀନିବାସ ପଣ୍ଡା, କୋଷଧକ୍ଷ ସୁଜିତ ରାଉତରାୟ,



ସଂଯୋଜକ ସଚ୍ଚିଦାନନ୍ଦ ଦାସ, ଉପଦେଷ୍ଟା ଅକ୍ଷୟ ପାତ୍ର, ତୁଷାର ନାୟକ, ବିଜୟ ନାୟକ, ବିଜୟ ଷଡଙ୍ଗୀ, ସତ୍ୟ ନାୟକ, ନାରାୟଣ ରାଓ, ଗୋପାଳ ନାୟକ, ପ୍ରମୋଦ ମହାନ୍ତିଙ୍କୁ ଚୟନ କରାଯାଇଥିଲା। ବୈଠକରେ କୋଟପାଡର ଶିବ ପଟ୍ଟନାୟକ, ଉମେଶ ଚନ୍ଦ୍ର ମିଶ୍ର, ବୋରିଗୁମ୍ମାର ରମି ନାୟକ, ଉଦିତ ମହାପାତ୍ର, କୁନ୍ଦୁରାର ଜିତେନ୍ଦ୍ର କୁଣ୍ଡୁ, ବୈପାରିଗୁଡାର ମଧୁସୁଦନ ମାଳି, ମୁନା ମହାପାତ୍ର, ଜୟପୁର ପୌରାଞ୍ଚଳ ଓ ବ୍ଲକର ଠିକାଦାର ସତୀଶ ସାହୁ, ରାଜା ପାତ୍ର, ରାମ ସ୍ୱାଇଁ, ପିଲୁ ମହାପାତ୍ର, ବିଜୟ ପଣ୍ଡା, ରାଜୀବ ଟାକ୍ରି, କେ.ବିଶୁ, ଶେଖର ସାମଲ, ରଞ୍ଜନ ପ୍ରଧାନ, ଗୋପିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ବିପିଏଲ୍ ସିଜନ୍ -୫

# ଟ୍ରଫି ହାତେଇଲା ରୟାଲ ଏକାଦଶ ଟିମ୍

ବୈପାରିଗୁଡ଼ା,୧୮।୧(ସମିସ): ବୈପାରିଗୁଡା ସଦର ମହକୁମା ସ୍ଥିତ ହାଇସ୍କୁଲ ଖେଳ ପଡିଆ ଠାରେ କ୍ରିକେଟ ଟୁର୍ନାମେଣ୍ଟ ବିପିଏଲ୍ ସିଜନ୍ -୫ ଉଦ୍ଯାପିତ ହୋଇଯାଇଛି। ବୈପାରୀଗୁଡା ଯୁବ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଉକ୍ତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଜାଗୁଆର କିଙ୍ଗସ୍ ଏବଂ ରୋୟାଲ ଏକାଦଶ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୮ ରନ୍‌ରେ ରୋୟାଲ ଏକାଦଶ ବିଜୟ ହାସଲ କରିଥିଲେ। ଏହି ମ୍ୟାଚରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବିଜୟକୁମାର ବୁରୁଡି ମ୍ୟାନ୍ ଅଫ୍ ଦା ମ୍ୟାଚ ଏବଂ ମ୍ୟାନ୍ ଅଫ୍ ଦା ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଚମ୍ପିଆନ ରୟାଲ ଏକାଦଶ ଦଳକୁ ୪୦ ହଜାର ଟଙ୍କା ଏବଂ ଉପବିଜେତା ଜାଗୁଆର କିଙ୍ଗସ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

# ସହିଦ ବଗା ପୂଜାରୀଙ୍କ ବଳିଦାନ ଦିବସ ପାଳନ ପାଇଁ ପ୍ରସ୍ତୁତି

ନବରଙ୍ଗପୁର,୧୮।୧(ସମିସ):



ସ୍ୱାଧୀନତା ସଂଗ୍ରାମୀ ତଥା ନବରଙ୍ଗପୁର ଜିଲ୍ଲାର ପ୍ରଥମ ଆଦିବାସୀ ସହିଦ ବଗା ପୂଜାରୀଙ୍କ ବଳିଦାନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୪୨ ଭାରତ ଛାଡ଼ ଆନ୍ଦୋଳନର ଅବିଭକ୍ତ କୋରାପୁଟ ଜିଲ୍ଲାର ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ତଥା ନବରଙ୍ଗପୁର ଜିଲ୍ଲାର ପ୍ରଥମ ଆଦିବାସୀ ସହିଦ ବଗା ପୂଜାରୀଙ୍କ ଆମ୍ ବଳିଦାନ ଦିବସ ଆସନ୍ତା ଫେବୃୟାରୀ ୧୧ ତାରିଖ ଦିନ ଉମରକୋଟ ବଡ଼ ଭରଣ୍ଡି ଠାରେ ପାଳନ କରା କରାଯିବ। ଏହି ବୈଠକରେ ବଗା ପୂଜାରୀ ସେବା ସଦନର ଆବାହିକା ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସହୀଦ ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ତିଆରି କରିଥିଲେ। ଶତାଧିକ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକକୁ ପୂର୍ବତନ ଚେୟାରମେନ ଗୋପାଳ ପୂଜାରୀ ପରିଚାଳନା କରିଥିଲେ।ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ରାଜନୈତିକ ଦଳର ପ୍ରମୁଖ ନେତାଙ୍କ ସହ,କବି,ସାହିତ୍ୟିକ,ସାମାଜିକ କର୍ମୀ ଓ ଛାତ୍ର ଛାତ୍ରୀଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ହେବାପାଇଁ ସ୍ଥିରକୃତ କରାଗଲା। ଏକ କମିଟି ଗଠନ କରି "ସ୍ୱର୍ଗତ ବଗା ପୂଜାରୀ ସ୍ମୃତି କମିଟି"ନାମ କରଣ କରାଯିବା ସହ ସହିଦ ବଗା ପୂଜାରି ସ୍ମୃତି ଫଳକ ଦୁଇ ଜଣଙ୍କୁ ପ୍ରଦାନ କରାଯିବା ପାଇଁ ଆଲୋଚନା କରାଗଲା।ସଭା ସ୍ଥଳରେ ମନ୍ତ୍ରୀ,ବିଧାୟକ ଓ ଜିଲ୍ଲାପାଳ ଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା। ପ୍ରକାଶ ଥାଉକି ୧୯୪୩ ମସିହା ଫେବୃଆରୀ ୧୧ ତାରିଖ ଦିନ କୋରାପୁଟ ଜେଲ୍‌ରେ ଗୋରା ସରକାରଙ୍କ ଅତ୍ୟାଚାରରେ ସହିଦ ହୋଇଥିଲେ। ସହିଦ ସ୍ମୃତି କମିଟି ସଭାପତି ମୁନା ତ୍ରିପାଠୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରି ଓଡ଼ିଶା ସରକାର ଓ କାରାଗାର ଡିଜିଙ୍କୁ ଅନୁରୋଧ କରି ସେଠାର ପବିତ୍ର ମାଟି ଆଣି ମିନାରରେ ସ୍ଥାପନ କରାଯାଇଥିଲା। ଏହି କମିଟିରେ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟସଭା ସାଂସଦ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳ ଗୋବିନ୍ଦ ପ୍ରଧାନ, ଆଇନଜୀବୀ ତଥା ମା ଘର ଅଧକ୍ଷା ଶ୍ରୀମତୀ ରତ୍ନ ପର୍ଣ୍ଣା ମହାନ୍ତି ରହିଥିଲେ।" ଆଜିର ଏହି ଆଲୋଚନା ଚକ୍ରରେ ଲେଖକ କେଦାରେଶ୍ୱର ପଟ୍ଟନାୟକ,ସନୁ ମାଝୀ ସେବାସଦ ଅଭାପତି କପୁର ଚାନ୍ଦ ନାୟକ,ପୂର୍ବତନ କମିଟି ସଦସ୍ୟ ରଞ୍ଜିତ ବାରୋଇ,ପୂର୍ବତନ ସମିତି ସଭ୍ୟ ସନ୍ତୋଷ ସୂତ୍ରଧର,ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ନବରଙ୍ଗପୁର ବ୍ଲକ୍ କଂଗ୍ରେସ ସଭାପତି ଅବଦୁଲ୍ ଫିରଜ୍, ଚାଷୀ ନେତା ପରମନ୍ ଭତରା, ଭଦ୍ରୁ ମାଝୀ, ପୂର୍ବତନ ସମିତି ସଭ୍ୟ ରାମ ନାଥ କୁମ୍ଭାର, ଭିକାରୀ ନାୟକ,ସମାଜ ସେବୀ ରାଧାକୋଷ୍ଟା,ବରିଷ୍ଠ ବିଜେପି ନେତା ପ୍ରସନ୍ନ ମହାନ୍ତି ଓ ଆଖ ପାଖର ବହୁ ମାଝୀ ଓ ପୂଜାରୀ ଯୋଗ ଦେଇଥିବା ସହିଦ ସ୍ମୃତି କମିଟି ସଭାପତି ମୁନା ତ୍ରିପାଠୀ ସୂଚନା ଦେଇଛନ୍ତି।

# ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର

ଉମରକୋଟ ୧୮।୧ (ସମିସ) ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଜାମରୁଣ୍ଡା ଗ୍ରାମ କୋଏଲାରବେଡା ସ୍ଥିତ ପୋଖରୀ ହୁଡ଼ା ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର ହୋଇଛି। ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳେ କିଛି ଗାଈ ଚରାଳି ଗାଈ ଚରେଇବାକୁ ଯାଇଥିବା ବେଳେ ନିକଟସ୍ଥ ପୋଖରୀ ହୁଡାରେ ଥିବା ଏକ ଖଜୁରୀ ଗଛ ମୂଳେ ନବଜାତ ଶିଶୁପୁତ୍ର ଟିର ମୃତଦେହ ପଡିରହିଥିବା ଦେଖିବାକୁ ପାଇଥିଲେ । ଖବର ସମିତି ସଭ୍ୟ ରାମସିଂ ପୂଜାରୀ ଓ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ପୁଲିସକୁ ଘଟଣା ବିଷୟରେ ଜଣାଇଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ କାର୍ମଶାଳା ଆଜି

କୋରାପୁଟ,୧୮।୧(ସମିସ): ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଭାଷା ସମିତି, ଭାରତ ସରକାର, ନୂଆଦିଲ୍ଲୀର ସହଯୋଗରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଆନୁକୂଲ୍ୟରେ ସୋମବାର ଏବଂ ମଙ୍ଗଳବାର ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା ପରିସରରେ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହେବ। ଭାରତୀୟ ଭାଷା (ଓଡିଆ, ହିନ୍ଦୀ ଓ ସଂସ୍କୃତ) ପାଇଁ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ପଦାବଳୀ' ବିଷୟ ଉପରେ ଆଲୋଚନା ହେବ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଏହା ସଫଳତା କାମନା କରିଛନ୍ତି। ଦୁଇଦିନିଆ ଏହି କାର୍ଯ୍ୟଶାଳାରେ ଭାଷା ଓ ପ୍ରଯୁକ୍ତି କ୍ଷେତ୍ରର ବହୁ ପ୍ରତିଷ୍ଠିତ ବିଦ୍ୱାନ ଯଥା ପ୍ରଫେସର ଆର୍.ଏସ୍. ସରାଜୁ, ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଡା. କୋଙ୍କିମଲ୍ଲା ଗିରିଧର ରାଓ, ଶ୍ରୀ ହରିରାମ ଫସାରୀ, ଶ୍ରୀ ସୁରେନ୍ଦ୍ର ସାମଲ ଏବଂ ଶ୍ରୀ ପ୍ରଦୀପ କୁମାର ସାହୁ ଅଂଶଗ୍ରହଣ କରି ଆଲୋଚନାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ ଜଣାଇଛନ୍ତି।


ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।

ଶୋକାକୁଳ

କଣପୁର ଓ ବାଙ୍କପୁର ଜୋଶୀଙ୍କ କୁଏକାଲା ପରିବାର ତଥା ବନ୍ଧୁ ଓ ଆତ୍ମୀୟସଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

# ଆମ ପୁଲିସ ସମିତି ବୈଠକ




କୋରାପୁଟ,୧୮।୧(ସମିସ): କୋରାପୁଟ ଟାଉନ ଥାନା ସମ୍ମିଳନୀ ଗୃହ ଠାରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ ଯୋଗ ଦେଇ ସହରର ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ସମସ୍ୟା କୋରାପୁଟ ସହରରେ ରହିଥିବା ଟ୍ରାଫିକ ସମସ୍ୟା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୁଲିସ ତୀକ୍ଷଣ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଆଇନଜୀବୀ ଅଶୋକ ଷଡଙ୍ଗୀ, ମନୋଜ ଆଚାର୍ଯ୍ୟ, ଟାଉନ ଥାନାର ସମସ୍ତ ଅଧିକାରୀଙ୍କ ସହ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ବୈଠକ ପରିଚାଳନା କରିଥିବା ବେଳେ ସବ ଇନ୍ସପେକ୍ଟର ଲତିକା ବୈଦ୍ୟ ଓ ଅନ୍ୟ ମାନେ ସହଯୋଗ କରିଥିଲେ।

# ପିଇବା ପାଣି ମିଳୁନି, ନାଳ ପାଣି ଭରସା

ପୋଡ଼ାଗଡ଼,୧୮।୧ (ସମିସ): ଗ୍ରୀଷ୍ମ ଋତୁ ଆରମ୍ଭ ନହେଉଣୁ ପାନୀୟ ଜଳ ସମସ୍ୟା ଅନେକ ଗ୍ରାମରେ ଦେଖାଗଲାଣି। ଏଭଳି ପାନୀୟ ଜଳ ସମସ୍ୟା ଦେଖା ଦେଇଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ସଦର ମହକୁମା ବଡ଼ ସାହି ଓ ମୁଦୁଲି ସାହିରେ। ସୂଚନାରୁ ଜଣାପଡିଛି ଗାଦିଆ ଗୁଡା ଗ୍ରାମରେ ବିଶୋଇ ସାହି, ଉପର ସାହି, ବଡ଼ ସାହି ଓ ମୁଦୁଲି ସାହିକୁ ମିଶାଇ ଚାରି ସାହି ରହିଛି। ସେଥି ମଧ୍ୟରୁ ତିନି ସାହିରେ ପାଖା ପାଖି ୧୪୦ ଆଦିବାସୀ ଲୋକ ବସବାସ କରୁଛନ୍ତି। ବୋରୱେଲ ସମେତ ୮ ଟି ନଳକୂଅ ରହିଛି। ସେଥି ମଧ୍ୟରୁ ୩ଟି ଦୀର୍ଘ ତିନି ଚାରି ମାସ ହେବ ଅଚଳ



ହୋଇପଡିଛି। ଫଳରେ ଗ୍ରାମର ମୁଦୁଲି ସାହି ଓ ବଡ଼ସାହିରେ ବାସ କରୁଥିବା ପରିବାର ପାନୀୟ ଜଳ ପାଇଁ ନାହିଁ ନଥିବା ହିନସ୍ତା ହେଉଥିବା ଉଭୟ ସାହିର ଧନୁର୍ଜୟ ମୁଦୁଲି, ଚକ୍ର ସାଉନ୍ତା, ଗବ୍ର ସାଉନ୍ତା, ରତି ଜାନି ଚିଆବତି ସାଉଁନ୍ତା ଓ ଚୁନୀ ସାଉନ୍ତା ପ୍ରମୁଖ କହିଛନ୍ତି। ବିଶଇ ସାହିରେ ସୋଲାର ପମ୍ପ ମାଧ୍ୟମରେ ଜଳ ଜଗାଇ ଦିଆ ଯାଉଛି। ସେହି ସାହି ଓ ମୁଦୁଲି ସାହିକୁ ପାଣି ଷ୍ଟାଣ୍ଡ ପୋଷ୍ଟ ଦିଆଯାଇଛି। କିନ୍ତୁ କେବଳ ଗୋଟିଏ ଷ୍ଟାଣ୍ଡ ହିଁ ସଂଯୋଗ କରା ଯାଇଛି। ଆଉ ବାକି ସବୁ ଷ୍ଟାଣ୍ଡର ସଂଯୋଗ ହେଉନଥିବାରୁ ପାଣି

## ପଞ୍ଚାୟତ ମୁଖ୍ୟାଳୟରେ ପାନୀୟ ଜଳ ସଙ୍କଟ

ସାହି ପାଖରେ ଥିବା ଘରଲୋକ ଉକ୍ତ ସ୍ଥାନରୁ ପାଣି ଆଣି ବ୍ୟବହାର କରିଛନ୍ତି। ଉପର ସାହି ଲୋକ ନିକଟରେ ଥିବା ବିଦ୍ୟାଳୟର ପାଣି ବ୍ୟବହାର କରୁଥିବା କହିଛନ୍ତି। କେବଳ ବଡ ସାହି ଓ ମୁଦୁଲି ସାହି ଲୋକେ ହିନସ୍ତା ହେଉଥିବା କହିଛନ୍ତି। ଉପର ସାହି ମୁଣ୍ଡରେ ଏକ ବୋରୱେଲ୍ ରହିଛି। ସେଥିରୁ ବଡ ଆସୁନାହିଁ। ଷ୍ଟାଣ୍ଡ ମଧ୍ୟ ଭାଙ୍ଗି ଯାଇଥିବା ଦେଖା ଦେଇଛି। ଯେହେତୁ ଗୋଟିଏ ଷ୍ଟାଣ୍ଡରେ ପାଣି ଆସିବା ଓ ନଳକୂଅ ଖରାପ ହେତୁ ଲୋକେ ବାଧ ହୋଇ ନିକଟରେ ଥିବା ନାଳ ପାଣି ବ୍ୟବହାର କରୁଥିବା ଦେଖା ଦେଇଛି। ଗ୍ରୀଷ୍ମ ଋତୁ ଆସୁଛି, ତେଣୁ ତୁରନ୍ତ ନଳକୂଅ ମରାମତି କରିବା ପାଇଁ ଗ୍ରାମବାସୀ ଗୁହାରି କରିଛନ୍ତି।

# ସ୍କର୍ପିଓ ଦୁର୍ଘଟଣା ଗ୍ରସ୍ତ, ୨ ଗୁରୁତର

ନନ୍ଦପୁର,୧୮।୧(ସମିସ): କୌଣସି କାମରେ ନନ୍ଦପୁର ଆସି ବିଳମ୍ବିତ ରାତିରେ ନିଜଗାଁ ପଟାଙ୍ଗି ଫେରୁଥିବା ସମୟରେ ଲୁହାବା ଛକ ନିକଟରେ ଭାରସାମ୍ୟ ହରାଇ ସ୍କର୍ପିଓ ଗାଡି ଦୁର୍ଘଟଣାର ଶିକାର ହୋଇଛି। ଦୁର୍ଘଟଣାରେ ଗାଡି ଆରୋହୀ ଦୁଇ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ପଟାଙ୍ଗି ଗ୍ରାମର ସିକନ୍ଦର ଭତ୍ରା (୩୭) ଓ ଲାଲୁ ଭୋଇ ଦୁଇ ସମ୍ପର୍କୀୟ ଭାଇ କୌଣସି କାମରେ ନନ୍ଦପୁର ଆସି ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଫେରୁଥିବା ବେଳେ ଲୁହାବା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ ଜମି ଭିତରକୁ ଗାଡ଼ି ମାଡ଼ିଯାଇଥିଲା। ଦୁହେଁ ଗୁରୁତର ଆହତ ହୋଇଥିଲେ। କିନ୍ତୁ ସିକନ୍ଦର ସମ୍ପର୍କୀୟଙ୍କୁ ଦୁର୍ଘଟଣା ବିଷୟରେ ଅବଗତ କରିଥିଲେ। ଖବର ଶୁଣି ସହାୟତା ନିମନ୍ତେ ସେମାନେ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ଆହତ ଦୁହିଁଙ୍କୁ ଉଦ୍ଧାର କରି ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ନନ୍ଦପୁର ଆଇଆଇସି ମମତା କୁମାରୀ ପଣ୍ଡା ସୂଚନା ଦେଇଛନ୍ତି।

# ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ




ନବରଙ୍ଗପୁର,୧୮।୧(ସମିସ): ନବରଙ୍ଗପୁର ସହରସ୍ଥିତ ରାଜା ଚୈତନ୍ୟ ଦେବ ନୋଡଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମ୍ ଶ୍ରୀ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ପାଳନ ହୋଇଯାଇଛି। ଆଜିର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର , ବିଧାୟକ ପ୍ରତିନିଧି ଶ୍ରୀମତୀ ଶର୍ମିଷ୍ଠା ଦେଓ, ଆଲୁମିନି ସଭାପତି ବିକ୍ରମ ଜୈନ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପୀ ଜାନୀ, ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିଲେ। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପଟନାୟକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସୌରା, ଶ୍ରୀମତି ନମିତା ଘଡେଇ , ସୁରେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିଥି ମାନେ ଭାରତ ସରକାରଙ୍କ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତରଫରୁ ଶିକ୍ଷାର ମାନ ବୃଦ୍ଧି କରିବା ସକାଶେ ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଚଳନ ହୋଇ ସମଗ୍ର ଦେଶରେ ଏକକ ଶିକ୍ଷା ପଦ୍ଧତି ପ୍ରଚଳନ କରି ଅନୁଷ୍ଠାନ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରିବା ସହ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରି ପାରିଛି ବୋଲି ମତ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ପ୍ରଣବ କୁମାର ମିଶ୍ର ଓ ଶିକ୍ଷୟତ୍ରୀ ଶିଳ୍ପୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଜିଜ୍ଞାସା, ସାହିତ୍ୟ ସୃଜନୀ , କ୍ରୀଡାଙ୍ଗନ, କୌଶଳି, ଦୋକାନ ବଜାର, ସମୃଦ୍ଧ ଓଡିଶା -୨୦୩୬ ଷ୍ଟଲ ପ୍ରଦର୍ଶନୀ ଗୁଡ଼ିକ ଅତିଥିମାନେ ବୁଲି ଦେଖିଲେ ଏବଂ ଏହା ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହାସହିତ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# କୋରାପୁଟ ସାଂସଦଙ୍କୁ ସମ୍ବର୍ଦ୍ଧନା, ବାଇକ୍ ରାଲି



ନନ୍ଦପୁର,୧୮।୧ (ସମିସ): କୋରାପୁଟ ସାଂସଦ ସପ୍ତଗିରୀ ଉଲ୍ଲକାଙ୍କୁ ନନ୍ଦପୁର କଂଗ୍ରେସ କର୍ମୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ସାଂସଦଙ୍କ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ନିମାଇ ସରକାର, ବରିଷ୍ଠ ନେତା କୃଷ୍ଣ କୁଲ ଦୀପ, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର କର, ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ବ୍ଲକ୍ ସାଂସଦ ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେଶ କାମୁଡି, ଯୁବ ନେତା ନୀଳାମ୍ବର ହଂଶା, ମଦନ ହାଡ ପୁଟିଆ, ସଞ୍ଜୀବ ଖରା, କ୍ଷୀରୋଦ ରାଉତ, ବାଲଡ଼ା ସରପଞ୍ଚ ବିକ୍ରମ ସୀସା, ଭୁବନ ଆସନ ଧାରୀ, ଅରୁଣ ପାଣ୍ଡିଆ, ରାମ ଦାସ ଖିଲ, ସମିତି ସଭ୍ୟ ମଙ୍ଗୁଲୁ ଖରା, ପୂର୍ବତନ ସରପଞ୍ଚ ଧନପତି ସୀସା, କେଶବ ଖରା, ବରିଷ୍ଠ ନେତା ବାବୁ ରାଓ ଖରାଙ୍କ ସମେତ ଅଞ୍ଚଳର ଶତାଧିକ କଂଗ୍ରେସ ଯୁବ କର୍ମୀ ଯୋଗ ଦେଇ ବାଇକ୍ ଶୋଭାଯାତ୍ରାରେ ସର୍ବେଶ୍ୱର୍ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରି ନିଜ ଦଳୀୟ ସାଂସଦଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ନିର୍ବାଚନ ଶେଷର ଦୁଇ ବର୍ଷ ପରେ ସାଂସଦ ନନ୍ଦପୁର ମାଟିକୁ ପହଞ୍ଚି ଥିବା ବେଳେ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ଯୁବ ଉତ୍ସବ 'ଅରା-୨୦୨୬' ର ଦ୍ୱିତୀୟ ଦିବସ



ସେମିଲିଗୁଡ଼ା,୧୮।୧ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ମହାବିଦ୍ୟାଳୟରେ ଅନୁଷ୍ଠିତ ତ୍ରି-ଦିବସୀୟ ଯୁବ ଉତ୍ସବ "ଅରା-୨୦୨୬"ର ଦ୍ୱିତୀୟ ଦିବସ ରବିବାର ଦିନ ଅତ୍ୟନ୍ତ ଉତ୍ସାହଜନକ ଭାବେ ଅତିବାହିତ ହୋଇଛି। ଦିନଟିର ଆରମ୍ଭ ସର୍ବଧର୍ମ ପ୍ରାର୍ଥନା ସହ ହୋଇଥିଲା। ପରବର୍ତ୍ତୀ ସମୟରେ ଜାତୀୟ ଯୁବ ପ୍ରକଳ୍ପ, ଓଡ଼ିଶା ର ସଭାପତି ମଧୁସୂଦନ ଦାସଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସଙ୍ଗୋଷ୍ଠୀ ଖେଳର ଆୟୋଜନ କରାଯାଇଥିଲା। ଯାହାକି ଦଳଗତ ଭାବନା ,ଜାତୀୟ ସଂହତି, ନେତୃତ୍ୱ ନେବାର କଳା,ସଦଭାବନା,ବନ୍ଧୁତା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥିଲା। ଯୁବକ ଯୁବତୀମାନେ ନନ୍ଦପୁର ସ୍ଥିତ ରାଣୀ" ଡୁଡୁମା ଜଳପ୍ରପାତ ଅଭିମୁଖେ ଯାତ୍ରା କରିଥିଲେ। ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ରାଣୀଡୁଡୁମା ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପ୍ରକୃତି ସହ ସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନତାର ବନ୍ଧନ ଉପରେ ଏକତାର ସୂତ୍ର ଗଠନ କରିବାର ପ୍ରେରଣା ମିଳିଥିଲା। ସକାଳ ଅଧିବେଶନର ମୁଖ୍ୟ ଅତିଥି ଭାବରେ ବୃନ୍ଦା ଧର୍ମରାଜନ ସିଂହ ଉପସ୍ଥିତ ଥିଲେ। ତାଙ୍କ ବକ୍ତବ୍ୟରେ ସେ ବର୍ତ୍ତମାନର ପ୍ରଯୁକ୍ତି ବିଦ୍ୟା ଯୁଗରେ ଖାପ ଖୁଆଇବା ଏବଂ ମନ୍ତ୍ର ଜପ ଓ ଧ୍ୟାନ ମାଧ୍ୟମରେ ଏକାଗ୍ରତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ଧ୍ୟା ଅଧିବେଶନର ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ। ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ , ଝିନ୍ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଫୁଲ୍ଲ ପାଙ୍ଗି, ପିତମ୍ ପାଢ଼ି, ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର, ପ୍ରଫେସର ସୌରଭ ଗୁପ୍ତା, ସମାଜସେବୀ ଜଗଦୀଶ ଖୋସଲା, ଡ. ପ୍ରଦୀପ ବେହେରା ଏବଂ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଝାନ୍ସି ସିଂହ ଓ ଯୁଥ ରେଡକ୍ରସର କାଉନ୍ସିଲର ଶିବାଶୀଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବରେ ଚାଲିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ର ଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇ ଯୁବ ମେଳାରେ ଏକ ନୂତନ ଶକ୍ତିର ସଂଚାର ଘଟାଇଛନ୍ତି।

# ପେସା ଆଇନ, ଜନଜାତି ବିକାଶ ନେଇ ପ୍ରଶିକ୍ଷଣ ଶିବିର



କୋରାପୁଟ,୧୮।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ପେସା ଆଇନ ଏବଂ ଜନଜାତିଙ୍କ ସାମଗ୍ରିକ ବିକାଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଉପ ନିର୍ଦ୍ଦେଶକ ଡ. ଅମିତା ପାତ୍ର, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୪୦ ଜଣ ଗ୍ରାମସଭା ମୋବିଲାଇଜର ଏବଂ ୧୪ ଜଣ ବ୍ଲକ ପେସା ସଂଯୋଜକ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର କ୍ଷମତା, ଜଙ୍ଗଲ ଜମି ଅଧିକାର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଏବଂ ପେସା ଆଇନ ଜରିଆରେ ଜନଜାତି ମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦର ପେସା ନୋଡାଲ ଅଫିସର ତଥା ପ୍ରୋଜେକ୍ଟ ମ୍ୟାନେଜର ହିମାଂଶୁ ଶତପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପେସା ଆଇନର ସଫଳ ରୂପାୟନ ଦ୍ୱାରା ତୃଣମୂଳ ସ୍ତରରେ ଜନଜାତି ସମ୍ପ୍ରଦାୟ ନିଜର ଶାସନ ଓ ବିକାଶ ପାଇଁ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ ବୋଲି ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ। ଉପ-ନିର୍ଦ୍ଦେଶକ ଗ୍ରାମସଭା ମୋବିଲାଇଜରମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ।

# ପ୍ରହଲ୍ଲାଦ ଖୋସଲା ନାରାୟଣପଟଣା ବ୍ଲକ ବିଜେଡି ସଭାପତି



ନାରାୟଣପାଟଣା,୧୬।୧(ସମିସ) ନାରାୟଣପାଟଣା ବ୍ଲକ ବିଜେଡି ସଭାପତି ଭାବେ ଯୁବବର୍ଗର ପ୍ରହଲ୍ଲାଦ ଖୋସଲାଙ୍କୁ ଦାୟିତ୍ୱ ମିଳିଛି। ସେ ଜଣେ ଉଚ୍ଚ ଶିକ୍ଷିତ । ବିଜୁ ପଟ୍ଟନାୟକଙ୍କ ଅମଳରୁ ରାଜନୀତିରେ ପାଦ ଦେଇଛନ୍ତି। ବିଜେଡିରେ ସାମିଲ ହେବା ପର ଠାରୁ ସେ ଦଳ ପାଇଁ ଅନେକ କାର୍ଯ୍ୟ ସୁଚାରୁ ରୁପେ ତୁଲାଇ ଆସୁ ଥିବା ଦେଖି ଦଳ ତାଙ୍କୁ ଏପରି ଏକ ଗୁରୁ ଦାୟିତ୍ୱ ଦେଇଥିବା କୋରାପୁଟ ଜିଲ୍ଲା ସଭାପତି ଝିନ ହିକକା କହିଛନ୍ତି । ଉଚ୍ଚ ଶିକ୍ଷିତ ଯୁବକଙ୍କୁ ବ୍ଲକ ସଭାପତି ଦାୟିତ୍ୱ ଦିଆଯାଇଥିବାରୁ ଯୁବଗୋଷ୍ଠୀ ତଥା ସମର୍ଥକ ମହଲରେ ଖୁସି ବ୍ୟକ୍ତ କରାଯାଇଛି।

# ବଂଶଧାରା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଗୁଣପୁର,୧୮।୧(ସମିସ): ଚତୁର୍ଦ୍ଦଶ ରାଜ୍ୟ ସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଆଜି ବଳରାମ ପଣ୍ଡା ସ୍ମାରକୀ ଅଲ୍ ଇଣ୍ଡିଆ ଡିୟୁଜ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବଂଶଧାରା କପ୍ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଜନ୍ ଭୂୟାଁ ଓ ପୌର ଅଧ୍ୟକ୍ଷା ମମତା ଗୌଡ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ସପନ ଦାସଙ୍କ ସଂଯୋଜନା କ୍ରମେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଦଳ ଭାଗ ନେଇଥଲେ। ଆଜି ପ୍ରଥମେ ଟସ୍ ଜିତି ଇଚ୍ଛାପୁରମ ବ୍ୟାଟିଂ ଚୟନ କରି ଗଜପତି ସହ ଖେଳ ଆରମ୍ଭ କରିଥିଲେ। ଆଜି ଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୨୮ ତାରିଖ ଯାଏଁ ଚାଲୁ ରହିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଭାଗ ନେଇଥିବା ଜଣାପଡିଛି। ଆଜି ଠାରୁ ୧୦ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିବ। ଆମ୍ପାୟାର ଦାୟିତ୍ୱ ଯାଜପୁରର ଶାରଦା ପ୍ରସନ୍ନ ମହାପାତ୍ର ଓ ହରୀ ବନ୍ଧୁ ଗମାଙ୍ଗ ତୁଲାଉଛନ୍ତି। ଏହି କାର୍ଯ୍ୟକ୍ରମରେ ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ, ସଂପାଦକ ରଞ୍ଜିତ ପାଢ଼ୀ, ଉପ ସଭାପତି ଉମା ଶଙ୍କର ଦାସ, ଉତ୍ସବ କମିଟି ସମ୍ପାଦକ ସୁଦର୍ଶନ ଶବର, ଆବାହକ ରାଜେଶ ପାଢି, ଯୁବନେତା ରାମ ପଣ୍ଡା, ଶକ୍ତି ଦାଶ, ବୁଟୁ ପଣ୍ଡା, ସିଏଚ ଶ୍ରୀନିବାସ ପାତ୍ର, ଦୀପୁ



ପଟ୍ଟନାୟକ, ମୁନା ପାଢି, ଇପ୍ସିତ ସାବରିଶ, ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ କିରଣ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦିପ ପାଣିଗ୍ରାହୀ, ବୈକୁଣ୍ଠ ଶବର, ସରୋଜ ମିଶ୍ର ଓ ରାଜକିଶୋର ଗୌଡ ପ୍ରମୁଖ ପରିଚାଳନା କରିଥିଲେ।

# ଦିଲ୍ଲୀ ପବ୍ଲିକ ସେକେଣ୍ଡରୀ ସ୍କୁଲର ବାର୍ଷିକ ଉତ୍ସବ



ସେମିଲିଗୁଡ଼ା,୧୮।୧(ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ଦିଲ୍ଲୀ ପବ୍ଲିକ ସେକେଣ୍ଡରୀ ସ୍କୁଲ, ସେମିଲିଗୁଡାର ଶନିବାର ଦିନ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ କୃଷ୍ଣ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ସମ୍ମାନିତ ଅତିଥି ଏବଂ ବୃନ୍ଦା ସିଂହ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ଉପାଧ୍ୟକ୍ଷ ପି.ଏନ୍. ପୃଷ୍ଟି , କୋଷାଧ୍ୟକ୍ଷ ଅର୍ଜୁନ ନାୟକ, ପରିଚାଳନା କମିଟି ସଦସ୍ୟ ମନୋଜ ମହାନ୍ତି, ଲାଲୁ ମହାପାତ୍ର, ମନୋଜ ସାମଲ, ପ୍ରଦୀପ ରାଉତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାସହିତ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରୁ ଆରଡି. ସାମଲ, ରଞ୍ଜିତ ଛତ୍ରାୟ, କଳ୍ପତରୁ ଦାସ, ମାଧୁରୀ ସେଠୀ, ଏସ୍. ବାନୁ, ଜି. ମୋନିକା, ପଦ୍ମିନୀ ରାଉତ, ସଂଗୀତା ନେପାକ, ସ୍ୱାଗତିକା ଜ୍ୟୋତିଶ୍ରୀ ସହ ଡିପିଏସଏସ ଓ ଏସସିଆଇଟିଏମ୍, ସେମିଲିଗୁଡାର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ମହେଶ୍ୱର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବାର୍ଷିକ ବିବରଣୀ ପ୍ରଧାନଶିକ୍ଷକ ନାରାୟଣ ପରିଡା ପାଠ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ ଜାସ୍ମିନ୍ ରାଉତ, ସ୍ୱାଗତିକା ସାହୁ ଓ ମନସ୍ୱିନୀ ନନ୍ଦା କରିଥିଲେ। ଶେଷରେ କ୍ଷିରୋଦ ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ଓ ସାହିତ୍ୟିକ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# କଚ୍ଛପଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ

ବୈପାରୀଗୁଡ଼ା,୧୮।୧(ସମିସ): ହାର ଘର ଜଳ ଯୋଜନା କେବଳ ବିଜ୍ଞାପନରେ ଅଟକିଛି । ସରକାର ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ପାଇପ ଜଳ ଯୋଗାଇ ଦେବାକୁ ଯେଉଁ ସ୍ୱପ୍ନ ଦେଖାଇଛନ୍ତି, ତାହା କେବେ ପୂରଣ ହେବ, କାହାରି ପାଖରେ ଉତ୍ତର ନାହିଁ। କାରଣ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଆଣ୍ଠେଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁ ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ କଚ୍ଛପ ଗତିରେ ଚାଲିଛି। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକରେ ଏହାର ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଘରେ ଘରେ ପହଞ୍ଚିବ ପାଣି । ଲୋକଙ୍କର ଜଳସଙ୍କଟ ଦୂର ହେବ। ଏହି ଲକ୍ଷ୍ୟ ନେଇ ବୈପାରୀଗୁଡା ବ୍ଲକର ମହୁଲି ପଞ୍ଚାୟତର ପେଟା ଘାଟିରେ କୋଲାପ ନଦୀର ପାଣିକୁ ନେଇ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଟେଣ୍ଡର ଅନୁସାରେ ଜେଏମସି ନାମକ ଏକ କମ୍ପାନୀ କାମ ନେଇଛି। ଗତ ୨୦୨୧ ମସିହାରୁ ଏହା ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୩ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଥିଲା। ଏଥିରେ ୧୮ଟି ପଞ୍ଚାୟତର ୨୮ ହଜାର ୨୫୦ ପରିବାର ଉପକୃତ ହେବେ। ଏଥିପାଇଁ ୧୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା । ତଥାପି ଆଜି ପର୍ଯ୍ୟନ୍ତ କାମ ସରିଲା ନାହିଁ। କେଉଁଠି ଟାଙ୍କି କାମ ଅଧା ନିର୍ମାଣ ହୋଇଛି ତ



ଆଉ କେଉଁଠି ପମ୍ପ ଗୃହ କାମ ଅଧପନ୍ତରିଆ ହୋଇ ପୋଡି ରହିଛି। ପାଣି ଯାଞ୍ଚ କାମ ମଧ୍ୟ ଆଜି ପର୍ଯ୍ୟନ୍ତ ସରିପାରିଲା ନାହିଁ। ଯାହାକୁ ନେଇ ବ୍ଲକ୍‌ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବେ ମିଳିବ ବିଶୁଦ୍ଧ ପାଣି । ତାହାକୁ ନେଇ ପ୍ରଶ୍ନ ଉଠୁଛି । ବୈପାରୀଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ସମସ୍ୟା ରହିଛି । ଅଧିକାଂଶ ଗାଁରେ ପାନୀୟ ଜଳର ସୁବିଧା ନ ଥିବାରୁ କିଏ ନଦୀରୁ ପାଣି ଆଣୁଛି ତ ଆଉ କିଏ ଚୁଆ ଖୋଳି ପାଣି ଆଣୁଛି। ଦୂଷିତ ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗରେ ପଡୁଛନ୍ତି । ବ୍ଲକର ୨୦ଟି ପଞ୍ଚାୟତ ଥିବା ବେଳେ ୧୮ ପଞ୍ଚାୟତର ମୋଟ ଏକ ଲକ୍ଷ ୩୫ ହଜାର ଲୋକଙ୍କ ପାଇଁ ୧୮ ଟି ଟାଙ୍କି ନିର୍ମାଣ ହେବାକୁ ଥିବା ବେଳେ ୧୬ଟି ଟ୍ୟାଙ୍କି କାମ ସରିଥିବା ବେଳେ ହଳଦିକୁଣ୍ଡ ଏବଂ ଦଶମନ୍ତପୁର ପଞ୍ଚାୟତର ଦୁଇଟି ପାଣି ଟ୍ୟାଙ୍କି ନିର୍ମାଣ କାମ ସରିନି। ସେହିପରି ବୋଦାପୁଟ ଏବଂ ମାଝୀଗୁଡା ଦୁଇ ପଞ୍ଚାୟତର ଘାଟି ଅଞ୍ଚଳ ଯୋଗୁଁ ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛ। ଏ ସଂକ୍ରାନ୍ତରେ ଆରଡବ୍ଲୁଏସ୍ଏସ୍‌ର କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ୮୦ ପ୍ରତିଶତ କାମ ସାରିଛି, ୫ଟ୍ୟାଙ୍କିର ପାଣି ଯାଞ୍ଚ କାମ ଚାଲିଛି। ୬ ମାସ ମଧ୍ୟରେ ଏହି ପ୍ରକଳ୍ପ କାମ ଶେଷ ହୋଇଯିବ। ସାଧାରଣ ଲୋକଙ୍କ ଅତି ଜରୁରୀ ପାନୀୟ ଜଳ ପାଇଁ ବ୍ଲକବାସୀ ହାହାକାର ହେଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## କେନାଲ ପାଣି ଛାଡିବା ନେଇ ବିବାଦ ଘଟଣା

# ରାଜସ୍ୱ ବିଭାଗ ପ୍ରତିନିଧି ଦଳର ତଦନ୍ତ



ଜୟପୁର, ୧୮ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର କୋଲାବ ସତୀଗୁଡା ଡ୍ୟାମ୍ ଠାରୁ ମୁଖ୍ୟ କେନାଲରେ ଗତ ୧୨ ତାରିଖରେ ଆସନ୍ତା ଖରିଫ ଚାଷ ପାଇଁ ପାଣି ଛଡା ଯାଇଛି। କିନ୍ତୁ ଜଳଭଣ୍ଡାରର ବାମ ପାର୍ଶ୍ୱରେ ରହିଥିବା ପଦ୍ମପୁର ଡିଷ୍ଟ୍ରିବ୍ୟୁଟରର କେନାଲରେ ପାଣି ବର୍ତ୍ତମାନ ପର୍ଯ୍ୟନ୍ତ ଛଡା ଯାଇନାହିଁ। ଏହି ଡିଷ୍ଟ୍ରିବ୍ୟୁଟରର କେନାଲ ମାଧ୍ୟମରେ ଟାଙ୍କୁଆ, ଉଙ୍ଗରଛିଞ୍ଚି ଏବଂ ବାଲି ଗ୍ରାମପଞ୍ଚାୟତର ପ୍ରାୟ ସାଢେ ୧୩ ହେକ୍ଟର ଚାଷ ଜମିରେ ଚାଷ ହୋଇଥାଏ। କିନ୍ତୁ ଚଳିତ ବର୍ଷ ପ୍ରାୟ ଏହି ଡିଷ୍ଟ୍ରିବ୍ୟୁଟର ସମସ୍ତ କେନାଲର ମରାମତି ଏବଂ ଆବଶ୍ୟକ ସ୍ଥଳେ ନିର୍ମାଣ ନିମନ୍ତେ ୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେଣୁ ଏହି ଟଙ୍କାରେ ନିର୍ମାଣ କାର୍ଯ୍ୟ କରାଯାଉ ଏବଂ କେନାଲ ପାଣି ଛାଡିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଟାଙ୍କୁଆ ପଞ୍ଚାୟତର ପ୍ରାୟ ୫୦ ପ୍ରତିଶତ ଏବଂ ଉଙ୍ଗରଛିଞ୍ଚି ପଞ୍ଚାୟତର ଶତପ୍ରତିଶତ ଚାଷୀ ଦାବି କରିଛନ୍ତି। କିନ୍ତୁ ବାଲିଆ ଗ୍ରାମପଞ୍ଚାୟତର ୬୦ ପ୍ରତିଶତ ଚାଷୀ ସେମାନେ ଧାନ ତଳି ପ୍ରସ୍ତୁତ କରିଥିବା ଯୋଗୁଁ କେନାଲରେ ପାଣି ଛଡା ଯାଇ ଚାଷ କରିବାକୁ ସୁଯୋଗ ଦେବାକୁ ଦାବି କରିଛନ୍ତି। ଏହିପରି ଦୁଇ ଚାଷୀ ଗୋଷ୍ଠି ମଧ୍ୟରେ ବିବାଦକୁ ନେଇ ଜଳସେଚନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ବିଡିଓ ଏବଂ ତହସିଲଦାରଙ୍କୁ ନେଇ ଏକ କମିଟି ତଦନ୍ତ କରିବା ସହିତ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଆଜି ଜୟପୁର ତହସିଲ ଏବଂ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ କେତେ ପରିମାଣରେ ଧାନ ଚାଷ ପାଇଁ ଚାଷୀ ଧାନ ତଳି ପ୍ରସ୍ତୁତ କରିଛନ୍ତି, ଏହାର ତଦନ୍ତ କରିଛନ୍ତି। ଏହି ଦଳରେ ଜୟପୁର ତହସିଲର ଅତିରିକ୍ତ ତହସିଲଦାର ଶୁଭଲକ୍ଷ୍ମୀ ନାୟକ, ରାଜସ୍ୱ ସୁପରଭାଇଜର ହରିହର ଶତପଥି, ଦିଲ୍ଲୀପ କୁମାର ପ୍ରଧାନ ଏବଂ ଅନ୍ୟାନ୍ୟ ରାଜସ୍ୱ ଓ କୃଷି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହପିର ପ୍ରାପ୍ତ ସୂଚନା ଅନୁଯାୟୀ କେତେକ ଚାଷୀ କୋଲବ ନଦୀରୁ ଉଠାଜଳ ସେଚନ ମାଧ୍ୟମରେ ପାଣି ଉଠାଇ ତଳି ପ୍ରସ୍ତୁତ କରିଛନ୍ତି। କିନ୍ତୁ କୋଲାବ କେନାଲ ଜଳ ଉପରେ ନିର୍ଭରୁ କରୁଥିବା ବହୁସଂଖ୍ୟାରେ ଚାଷୀ ମାନେ ତଳି ପ୍ରସ୍ତୁତ କରିନାହାନ୍ତି। ଏଥିନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ ପରେ ଏହି ୩ଟି ପଞ୍ଚାୟତକୁ କେନାଲ ମାଧ୍ୟମରେ ପାଣି ଛଡାଯିବ ନା ନାହିଁ ଏବଂ କେନାଲ ନିର୍ମାଣ କରାଯିବ ସେଥିନେଇ ଅତିଶୀଘ୍ର ନିଷ୍ପତି ଗ୍ରହଣ କରାଯିବ। ଜଳସେଚନ ବିଭାଗର ସହକାରୀ କାର୍ଯ୍ୟ ନିବାହୀ ଯନ୍ତ୍ରୀ ଶକ୍ତି ସାମନ୍ତ ଭୂୟାଁ ଓ କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ଶତପଥୀ ସର୍ବେ ବେଳେ ଉପସ୍ଥିତ ଥିଲେ।

● ୮ ବର୍ଷ ହେଲା ଉଚ୍ଛେଦ ଦୋକାନୀ ହନ୍ତସନ୍ତ

## ଷ୍ଟଲ୍ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୮।୧(ସମିସ): ରାସ୍ତା ପ୍ରଶସ୍ତିକରଣ ପାଇଁ ୨୦୧୮ ମସିହାରେ ଜଗନ୍ନାଥ ମନ୍ଦିର ଛକରୁ ଭାଣ୍ଡିସାହି ଛକ ଯିବା ରାସ୍ତାରେ ଥିବା ୧୩ଟି ଦୋକାନକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିଲା। ଏଥି ମଧ୍ୟରେ ୮ ବର୍ଷ ବିତି ଯାଇଥିଲେ ମଧ ସେମାନଙ୍କୁ ଷ୍ଟଲ ଖଣ୍ଡିଏ ଯୋଗାଇ ଦିଆଯାଇନାହିଁ। ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କେହି ଶୁଣୁ ନାହାଁନ୍ତି । ତେଣୁ ବାଧ ହୋଇ ୧୩ ଜଣ ବ୍ୟବସାୟୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବ୍ୟବସାୟୀଙ୍କ କହିବା ଅନୁଯାୟୀ ରାସ୍ତା ପ୍ରଶସ୍ତିକରଣ ପାଇଁ ଆମ ନିଜସ୍ୱ ଦୋକାନକୁ ଭାଙ୍ଗି ଦିଆଗଲା। ୧୩ ଜଣ ଦୋକାନୀ ଅନ୍ୟ ସ୍ଥାନରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିବାରେ ବହୁ ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରୁନାହିଁ। ତେଣୁ ଷ୍ଟଲ ପ୍ରଦାନ ନେଇ ଦୋକାନୀ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୮ ।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ଦିବସୀୟ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ପାଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ ପ୍ରିତା କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରିତା କୁମାର ପ୍ରଭୁ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ସୁଚିତ୍ରା ମାଝୀ ଏବଂ ପିରାମଲ ଫାଉଣ୍ଡେସନର ଜିଲ୍ଲା କାର୍ଯ୍ୟକ୍ରମ ମୁଖ୍ୟ ରାଜାରାମ ମଲ୍ଲିକ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନଟବର ଗରଡା, ତହସିଲଦାର, ଚିତ୍ରକୋଣ୍ଡା ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସରକାରି ସେବାରେ ସମୟାନୁବର୍ତ୍ତୀ ହେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପାଞ୍ଚାୟତ ସମିତିର ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ବ୍ଳକସ୍ତରୀୟବିଭିନ୍ନବିଭାଗୀୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## 'ଗ୍ରାମଦ୍ୟୋୟ' ଯୋଜନାର ପ୍ରଣୟନ ପାଇଁ ସମନ୍ୱୟ ବୈଠକ

ନବରଙ୍ଗପୁର,୧୮।୧(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ 'ଗ୍ରାମଦ୍ୟୋୟ' ଯୋଜନା ନବରଙ୍ଗପୁରର ୪ଟି ବ୍ଲକରେ ପ୍ରଣୟନ ପାଇଁ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ



ଥିଲେ। ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ ଏଜେଣ୍ଡା ଅନୁଯାୟୀ ସଭା ପରିଚାଳନା କରିଥିଲେ। ଏହି ଯୋଜନା ଅଧୀନରେ ଜିଲ୍ଲାର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୪ଟି ବ୍ଲକ ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଏବଂ ଡାବୁଗାଁର ମୋଟ ଚିହ୍ନଟ ୩୦ଟି ଗ୍ରାମରେ ସର୍ଭେ କରାଯିବ। ଜିଲ୍ଲାରେ ମୋଟ ୨୪ଟି ବିଭାଗ ଦ୍ୱାରା ଏହି ୩୦ଟି ଗ୍ରାମରେ ପାନୀୟ ଜଳଯୋଗାଣ, ସଡ଼କ, ଗମନା ଗମନ, ସୁଲଭ ମୂଲ୍ୟ ଦୋକାନ, ଆବାସିକ ବିଦ୍ୟାଳୟ, ସ୍ୱାସ୍ଥ୍ୟ ସେବାର ଟିକାକରଣ, ଯକ୍ଷ୍ମା, ମ୍ୟାଲେରିଆ, ସିକିଲ ସେଲ, ଆନେମିଆ ରୋଗର ନିରାକରଣ, ଆଧାର କାର୍ଡ, ଶ୍ରମିକ କାର୍ଡ, ସୁଭଦ୍ରା ଯୋଜନା, ପଞ୍ଜୀକୃତ ବିହନ ଓ କୃଷି ଯନ୍ତ୍ରପାତି ବ୍ୟବହାର, ଶିଶୁ ଓ ମହିଳା ବିକାଶ, ପୋଷଣ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଶୌଚାଳୟ ଆମ୍ବୁଲାନ୍ସ ସେବା, ବସ ସେବା ଏଭଳି ବିଭିନ୍ନ ବିଭାଗୀୟ ଯୋଜନା ଉପରେ ସର୍ଭେ କାର୍ଯ୍ୟ କରାଯିବ। ଏହି ସର୍ଭେ କାର୍ଯ୍ୟରେ ବିଭିନ୍ନ ସ୍କିମର ହିତାଧିକାରୀ ମାନଙ୍କୁ ଚିହ୍ନଟ, ଗ୍ରାମ ସଭାରେ ବିଭିନ୍ନ ବିଭାଗୀୟ ଯୋଜନାରେ ଗ୍ରାମ୍ୟ ହିତାଧିକାରୀଙ୍କୁ ଚିହ୍ନଟ ଓ ପ୍ରସ୍ତାବ, ଚିହ୍ନଟ ହିତାଧିକାରୀ ଯଦି କିଛି ମାନଦଣ୍ଡକୁ ପୂର୍ଣ୍ଣ କରିପାରୁନାହିଁ, ତେବେ ଜିଲ୍ଲା ପ୍ରଶାସନର ଅନୁମୋଦନ ପରେ ବିଭାଗୀୟ ସ୍ୱୀକୃତି ପାଇଁ ପ୍ରେରଣ କରାଯିବ। ଜିଲ୍ଲାପାଳ ୩୦ଟି ଚିହ୍ନଟ ଗ୍ରାମରେ 'ଗ୍ରାମଦ୍ୟୋୟ' ଯୋଜନା ଅନ୍ତର୍ଗତ ୨୪ଟି ଜିଲ୍ଲା ବିଭାଗୀୟ ଅଧିକାରୀ ମାନଙ୍କୁ ସର୍ଭେ କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ପାଇଁ ବ୍ଲକ୍ ସ୍ତରୀୟ କମିଟିରେ ସଂପୃକ୍ତ ବ୍ଲକ୍‌ର ବିଡିଓ ଅଧ୍ୟକ୍ଷ ଓ ବ୍ଲକ୍ ନୋଡାଲ ଅଧିକାରୀ ରହିବେ। ଜିଲ୍ଲା ସ୍ତରୀୟ ନୋଡାଲ ଅଧିକାରୀ ରୂପେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କାର୍ଯ୍ୟ କରିବେ। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ, ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାର୍ଷିକ ଖେଳ ଉତ୍ସବ

ପାପଡାହାଣ୍ଡି,୧୮।୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଦଳେଇଗୁଡ଼ା ଖେଳ ପଡିଆଠାରେ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବିରାଙ୍ଗନା ଉଦ୍‌ଯାପିତ ହୋଇଯାଇଛ। ଏହି ଅବସରରେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରଶେଖର ମାଝୀ ଯୋଗ ଦେଇଥିଲେ। ଦୁଇଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିରାଙ୍ଗନା ଖେଳ ଉତ୍ସବରେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ କପ ଦିଆଯାଇଥିଲା । ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଖେଳର ଆୟୋଜନ କରାଯାଇଥିଲା। ସେଥିରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ମାନେ ବାଜିମାତ କରିଥିଲେ।

## ସାମ୍ବାଦିକ ଆଶୁତୋଷଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା



ରାୟଗଡ଼ା,୧୮।୧(ସମିସ): ସାମ୍ବାଦିକ ଆଶୁତୋଷ ପଟ୍ଟନାୟକଙ୍କ ପାଇଁ ଆଜି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପ୍ରେସ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏସନ ଓଡିଶା ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳ ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଂଜନ କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା ତଥା ଟ୍ରକ ମାଲିକ ସଂଘ ସଭାପତି ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ), କେ.ଅଶ୍ୱିନୀ, କାଳୀରାମ ମାଝି, ବସନ୍ତ ଉଲାକା, ଶିବଶଙ୍କର ଉଲାକା, ଉମେଶ ଖୋସଲା, ଉତ୍କଳ ଆଲୁମିନା ଲୋକ ସଂପର୍କ ବିଭାଗର ସହକାରୀ ଅଧିକାରୀ ଅମଜଦ ଅଲ୍ଲୀ, ନୀଳାଞ୍ଚଳ ମିଶ୍ରଙ୍କ ସମେତ ୱେଲଫର ଆସୋସିଏସନର ୬୦ରୁ ଉର୍ଦ୍ଧ ସଦସ୍ୟଙ୍କ ସମେତ ଓଡିଶା ଡିଜିଟାଲ ମିଡିଆ ସଂଘ ରାୟଗଡ଼ା ଜିଲ୍ଲା ଶାଖାର ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦିବଙ୍ଗତ ସାମ୍ବାଦିକ ଆଶୁତୋଷଙ୍କ ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ତାଙ୍କର ମଣିଷ ସମାଜ ପାଇଁ ତାଙ୍କର ଅବଦାନ ନେଇ ଆଲୋକପାତ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରେସ ଆଣ୍ଡ ମିଡିଆ ୱେଲଫର ଆସୋସିଏସନର କାର୍ଯ୍ୟକର୍ତ୍ତା ଶିବାଜୀ ଦାସ, ସୁଶାନ୍ତ ପ୍ରଧାନ, ଶିବ ନାରାୟଣ ଗଉଡ, ଶିବ ପ୍ରସାଦ ଦୋରା, ସଂଗ୍ରାମ ପଟ୍ଟନାୟକ, ଆଶିଷ ରଂଜନ ପଣ୍ଡା, ଶ୍ରୀନିବାସ, ଅମୂଲ୍ୟରତ୍ନ ସାହୁ, ଅମୂଲ୍ୟ ନିଶାଙ୍କ, ୱାଇ.ଦାମୋଦର, ବି.ଭେଙ୍କେଟ ରାମଣା, ସି.ଏଚ.ନାଗରାଜୁ, ସୁରେଶ ପଟ୍ଟନାୟକ, ମୃତ୍ୟୁଞ୍ଜୟ ନନ୍ଦ, ମାଉଡି ବାରିକ, ସନ୍ତୋଷ ପାଣିଗ୍ରାହୀ, ଇପିଲି ରମେଶ, ସନ୍ତୋଷ ସାହୁଙ୍କ ସମେତ ଅନ୍ୟ ସାମ୍ବାଦିକ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ରହିଥିଲେ।

## ଗାଦିଆଗୁଡାରେ ପାନୀୟ ଜଳ ଅଭାବ

ପୋଡ଼ାଗଡ଼, ୧୮।୧(ସମିସ): ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ପାନୀୟ ଜଳ ସମସ୍ୟା ଅନେକ ଗ୍ରାମରେ ଦେଖାଗଲାଣି। ପାନିୟଜଳ ସମସ୍ୟା ଦେଖା ଦେଇଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ସଦର ମହକୁମା ବଡ଼ ସାହି ଓ ମୁଦୁଲି ସାହିରେ। ସୂଚନାରୁ ଜଣାପଡିଛି କି ଗାଦିଆ ଗୁଡା ଗ୍ରାମରେ ବିଶଇ ସାହି, ଉପରସାହି, ବଡ଼ ସାହି ଓ ମୁଦୁଲି ସାହି ଭଳି ୪ ସାହି ରହିଛି। ସେଥି ମଧ୍ୟରୁ ତିନି ସାହିରେ ପାଖାପାଖି ୧୪୦ ଆଦିବାସୀ ବସବାସ କରୁଛନ୍ତି। ବୋରୱେଲ ସମେତ ୮ ଟି ନଳକୂଅ ରହିଛି। ସେଥି ମଧ୍ୟରୁ ତିନୋଟି ଦୀର୍ଘ ଚାରି ମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମର ମୁଦୁଲି ସାହି ଓ ବଡସାହିରେ ବାସ କରୁଥିବା ପରିବାର ପାନୀୟ ଜଳ ପାଇଁ ନାହିଁ ନଥିବା ହିନସ୍ତା ହେଉଥିବା ଧନୁର୍ଜୟ ମୁଦୁଲି, ଚକ୍ରସ ।ଉନ୍ତା, ଗବୃ ସାଉନ୍ତା, ରତି ଜାନି, ଚିଆବତୀ ସାଉଁନ୍ତା, ଚୁନୀ ମୁଷ୍କା ପ୍ରମୁଖ କହିଛନ୍ତି। ବିଶଇ ସାହିରେ ସୋଲାର ପମ୍ପ ମାଧ୍ୟମରେ ଜଳ ଜଗାଇ ଦିଆଯାଉଛି। ସେହି ସାହି ପାଖରେ ଥିବା ଘର ଲୋକ ଉକ୍ତ ସ୍ଥାନରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଉପର ସାହିର ଲୋକ ନିକଟରେ ଥିବା ବିଦ୍ୟାଳୟର ପାଣି ବ୍ୟବହାର କରୁଥିବା କହିଛନ୍ତି। କେବଳ ବଡ ସାହି ଓ ମୁଦୁଲି ସାହି ଲୋକ ହି ହିନସ୍ତା ହେଉଥିବା କହିଛନ୍ତି। ଉପର ସାହି ମୁଣ୍ଡରେ ଏକ ବୋରୱେଲ୍ ରହିଛି। ସେଥିରୁ ବଡ ସାହି ଓ ମୁଦୁଲି ସାହିକୁ ପାଣି ଷ୍ଟାଣ୍ଡ ପୋଷ୍ଟ ଦିଆ ଯାଇଛି । କିନ୍ତୁ କେବଳ ଗୋଟିଏ ଷ୍ଟାଣ୍ଡ ହିଁ ସଂଯୋଗ କରାଯାଇଛି। ଆଉ ବାକି ସବୁ ଷ୍ଟାଣ୍ଡ ସଂଯୋଗ ହୋଇ ନଥିବାରୁ ପାଣି ଆସୁନାହିଁ। ଷ୍ଟାଣ୍ଡ ମଧ ଭାଙ୍ଗି ଯାଇଥିବା ଦେଖା ଦେଇଛି। ଗୋଟିଏ ଷ୍ଟାଣ୍ଡରେ ପାଣି ଆସିବା ଓ ନଳକୂଅ ଖରାପ ଯୋଗୁଁ ଲୋକେ ବାଧ ହୋଇ ନିକଟରେ ଥିବା ନାଳ ପାଣି ବ୍ୟବହାର କରୁଥିବା ଦେଖା ଦେଇଛି। ଗ୍ରୀଷ୍ମ ଋତୁ ଆସୁଛି। ତେଣୁ ତୁରନ୍ତ ନଳକୂଅ ମରାମତି କରିବା ପାଇଁ ଗ୍ରାମବାସୀ ଗୁହାରି କରିଛନ୍ତି।

## ନନ୍ଦପୁର ପ୍ରେସ୍ କ୍ଲବର ଯୁବ ସମାବେଶ



ନନ୍ଦପୁର,୧୮।୧ (ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଉପଲକ୍ଷେ ନନ୍ଦପୁର ପ୍ରେସ କ୍ଲବର ଆନୁକୂଲ୍ୟରେ ଏକ ବିଶାଳ ଯୁବ ସମାବେଶ ଆୟୋଜିତ ହୋଇଯାଇଛି। ସୁସ୍ଥ, ସଚେତନ ଓ ସମୃଦ୍ଧ ସମାଜ ଗଠନରେ ଯୁବ ସମାଜର ଭୂମିକା ଏକାନ୍ତ କାମ୍ୟ ବୋଲି ବକ୍ତାମାନେ ଏହି ଅବସରରେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରେସ କ୍ଲବ ସଭାପତି ତ୍ରିନାଥ ଖରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା ଯୋଗ ଦେଇ ଯୁବକମାନେ ଶିକ୍ଷା, ସଂସ୍କୃତି ଓ ସମାଜ ସେବାରେ ନିଜ ଦାୟିତ୍ୱ ନିଷ୍ଠାର ସହ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବେ ଯୁବ ନେତା ଚୈତନ୍ୟ ହନ୍ତାଳ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଦର୍ଶନକୁ ଅନୁସରଣ କରି ଯୁବ ପିଢ଼ି ନିଜକୁ ସଠିକ୍ ଦିଗରେ ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଆଇସି ମମତା ପଣ୍ଡା, ଜଗନ୍ନାଥ ହନ୍ତାଳ, ପ୍ରଭାତ ଗୁରୁମାଙ୍କ ପ୍ରମୁଖ ଉପସ୍ଥିତ ରହି ଯୁବମାନଙ୍କୁ ସକାରାନକ ଚିନ୍ତାଧାରା ଓ ସାମାଜିକ ଦାୟିତ୍ୱବୋଧ ସହ ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ରାଣା ଗଙ୍ଗାଧର ଦଳପତି, ସୁଦର୍ଶନ ସେନାପତି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଗୌରବମୟ କରିଥିଲେ। ଏହି ଅବସରରେ କଳା, କ୍ରୀଡା, ଉଦ୍ୟୋଗୀତା, ସାମ୍ବାଦିକତା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ର ଶୀର୍ଷ ଛୁଇଁଥିବା ପ୍ରତିଭାବାନ ଯୁବକ-ଯୁବତୀ ଓ ବ୍ୟକ୍ତିଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍‌ର ସମ୍ପାଦକ ରମେଶ କୁମାର ଅଧିକାରୀ ଓ ଉପ ସଭାପତି ବିମଳ ରାଓ ସ୍ମିଥ ପରିଚାଳନା କରିଥିଲେ। ସାମୁଏଲ ଖେମୁଣ୍ଡୁ, ଶ୍ରୀରାମ ଖରା, ହରେଶ ଖିଲ ଓ ହିରଣ୍ୟ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ମାଲକାନଗିରି,୧୮ ।୧(ସମିସ): ମାଲକାନଗିରି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲେଖ୍ୟନୀୟ ସଫଳତା ପାଇଁ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦିବାସୀ ପଡିଆ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଏହି ମେଳାରେ ମୁଖ୍ୟଅତିଥି ଭାବେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅଧିକ ଅମଳ ଶସ୍ୟ ଉତ୍ପାଦନ ପାଇଁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଆବଶ୍ୟକ ରହିଛି। ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସରକାରଙ୍କ ପକ୍ଷରୁ କୃଷକ ମାନଙ୍କୁ ରିହାତି ମୂଲ୍ୟରେ ସମସ୍ତ ଅତ୍ୟାଧୁନିକ କୃଷି ଯନ୍ତ୍ରପାତୀ ଦିଆଯାଉଛି। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯିବା ସହିତ ଅନେକ ଚାଷୀଙ୍କୁ ରିହାତି ମୂଲ୍ୟରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦାନ କରା ଯାଇଥିଲା। ଏହି ମେଳାରେ ୫୦ରୁ ଅଧିକ ଷ୍ଟଲ ଖୋଲା ଯାଇ ବିଭିନ୍ନ ପ୍ରକାର ଯନ୍ତ୍ରପାତି ପ୍ରଦର୍ଶନ କରା ଯାଇଛି। ବିଶେଷ କରି ମିଲେଟ ନିଶନ ପକ୍ଷରୁ ଏସଏଚ୍‌ଜି ଗୃପ୍‌ଙ୍କ ମାଧ୍ୟମରେ ମାଣ୍ଡିଆ, ଶୁଆଁରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ପଣା, ଜଳଖିଆ ଓ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ଆଦିବାସୀ ପାରମ୍ପରିକ ନୃତ୍ୟ ସଙ୍ଗୀତ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା।

# କୁନ୍ଦୁଲି ଗ୍ରାମରେ ଚୋରଙ୍କ ପ୍ରାଦୁର୍ଭାବ ବଢୁଛି

ପଟାଙ୍ଗି,୧୮ ।୧(ସମିସ):

ପଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଗ୍ରାମରେ ୧୫ ଦିନ ହେଲା ଚୋରି ବଢୁଛି। ଦୁଇ ଘରୁ ସୁନା ଓ ଟଙ୍କା ଚୋରି ଏବଂ ଗୋଟିଏ ଟ୍ରକରୁ ଡିଜେଲ ଚୋରି ହୋଇଥିବା ନଜରକୁ ଆସିଛି। ଶନିବାର ବିଳମ୍ବିତ ରାତିରେ କୁନ୍ଦୁଲି ଗ୍ରାମର ଏକ ପରିବାର ଘରେ ତାଲା ଭାଙ୍ଗି ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହ ପ୍ରାୟ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଜଣଙ୍କ ଘରୁ ଏକ ତୋଳା ସୁନା ସହ ୧୫ ହଜାର ଟଙ୍କା ଏବଂ ଗୋଟିଏ ଟ୍ରକର ଡିଜେଲ ଟାଙ୍କି ଭାଙ୍ଗି ଡିଜେଲ ଚୋରି ହୋଇଛି। ସୂଚନା ଅନୁଯାୟୀ ମଙ୍ଗଳବାର କୁନ୍ଦୁଲି ଗ୍ରାମର କ୍ରାନ୍ତି ସାହୁ ଘରେ ତାଲା ପକାଇ ନିଜ ଶଶୁର ଘରକୁ ଯାଇଥିବା ବେଳେ ଚୋରି ହୋଇଥିଲା। ଘଟଣା ନେଇ ପଟାଙ୍ଗି ଥାନାରେ ଘରର ମାଲିକ କ୍ରାନ୍ତି ସାହୁ ପହଞ୍ଚି ଅଭିଯୋଗ କରିଥିଲେ। ପଟାଙ୍ଗି ଥାନା



ଅଧିକାରୀ ପ୍ରଭାତ ବେହେରା ନିଜ ପୋଲିସ ଦଳ ଏବଂ କୋରାପୁଟ ସାଇଣ୍ଟିଫିକ ଦଳ ସହ ମିଶି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ସୂଚନା ଯୋଗ୍ୟ, କୁନ୍ଦୁଲି ଗ୍ରାମର ବିଶ୍ୱରଂଜନ ରାଉତରାୟଙ୍କ ଗୋଦାମରୁ ଚୋରି କରିନେଇଥିଲେ। ସେହିଭଳି ଗତ ୪ ରିଖ ଦିନ କୁନ୍ଦୁଲି ଗ୍ରାମର ବିଶ୍ୱଜିତା ବାଘଙ୍କ ଘରେ ତାଲା ପଡ଼ିଥିବା ଦେଖି କିଛି ଦୁର୍ବୃତ୍ତ ଘରେ ତାଲା ଭାଙ୍ଗି ଘରର ଗୋଟିଏ ତୋଳା ସୁନା ଏବଂ ୧୫ ହଜାର ଟଙ୍କା ଆଦି ସାମଗ୍ରୀ ଚୋରି କରି ନେଇଥିଲେ। ଗତ ୧୧ ତାରିଖ ରାତିରେ କୁନ୍ଦୁଲି ଗ୍ରାମର ଏନ୍ ମିନାରଓ ଙ୍କ ଟ୍ରକ୍‌ର ଡିଜେଲ ଟ୍ୟାଙ୍କି ଭାଙ୍ଗି ଗାଡ଼ିରେ ଥିବା ସମସ୍ତ ଡିଜେଲ ଚୋରି କରି ନେଇଥିଲେ। ଆଜିର ଘଟଣା ନେଇ ୨୦/୨୬ କେଶ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଗ୍ରାମବାସୀ କୁନ୍ଦୁଲି ଗ୍ରାମରେ ଚୋରି କରୁଥିବା ସମସ୍ତ ଚୋରଙ୍କୁ ଖୁବ୍‌ଶୀଘ୍ର ଧରିବା ନିମନ୍ତେ ଥାନା ଅଧିକାରୀ ଶ୍ରୀ ବେହେରାଙ୍କୁ ନିବେଦନ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍ପେସ୍ ଲାବ ଉଦ୍‌ଘାଟିତ



ସେମିଳିଗୁଡ଼ା, ୧୮।୧ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର ପୁଙ୍ଗାର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଚନ୍ଦ୍ରମା ସାଆନ୍ତା ଇସ୍ରୋ ସ୍ପେସ ଲାବ୍ ଉଦଘାଟନ ହେଇଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ଏହି ଲାବ୍ ଉଦ୍‌ଘାଟନ କରିଥିଲେ। ଏହି ପରୀକ୍ଷାଗାର ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଗ୍ରହୀ କରିବ ବୋଲି ସାଂସଦ ସପ୍ତଗିରି ଆଶା ପ୍ରକାଶ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ମାନୁଏଲ ଚନ୍ଦ୍ର ପାଇକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଏହି ଲାବ୍ ଦ୍ୱାରା ବିଜ୍ଞାନରେ ସୁନାମ ଅର୍ଜନ କରିବା ପାଇଁ ପ୍ରୟାସ କରିବାକୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମାଧରେ ପିଏଆଇଟିଡିଏ ସ୍ନେହପ୍ରଭା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନୀ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନୀମାଇ ସରକାର, କଂଗ୍ରେସ ନେତା କର୍ମୀ, ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ବିଭିନ୍ନ ପ୍ରତିଯୋଗିତାର ବିଜେତା ପୁରସ୍କୃତ ହୋଇଛନ୍ତି।

## କୃଷି ଯାନ୍ତ୍ରିକ ଉପକରଣ ମେଳା ଉଦ୍‌ଯାପିତ

# ୪ କୋଟି ୪୭ ଲକ୍ଷ ଟଙ୍କାର ଉପକରଣ ବିକ୍ରି



ଜୟପୁର, ୧୮ ।୧ (ସମିସ): ଜୟପୁରର ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରିକ ଉପକରଣ ମେଳା ଗତ ତିନି ଦିନ ସ୍ଥାନୀୟ ଦଶହରା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା ଆଜି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ. ରେଡ୍ଡୀ ଯୋଗଦେଇ ୫ ଜଣ ପ୍ରଗତିଶୀଳ ଚାଷୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୬ଟି ବ୍ଲକର ଶତାଧିକ ଚାଷୀ ଯୋଗ ଦେଇ ଆଧୁନିକ ପଦ୍ଧତିରେ ଯନ୍ତ୍ରପାତି ଦ୍ୱାରା ଚାଷ କାର୍ଯ୍ୟ ନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ନେଇ ସଚେତନ କରାଯାଇଥିଲା । ଏହି ଅବସରରେ କୋରାପୁଟ ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୫-୨୬ ରେ ସମୁଦାୟ ୪୨ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ହୋଇଛି। ଏହିପରି ଚାଷୀ ମାନରଙ୍କୁ ଏହି ବାବଦକୁ ୧୦ କୋଟି ଟଙ୍କାର ସବସିଡ (ରିହାତି) ରାଶି ପ୍ରଦାନ କରାଯାଇଥଲା। ୩ ଦିନ ଧରି ଆୟୋଜିତ ଏହି କୃଷି ଯାନ୍ତ୍ରିକ ଉପକରଣ ମେଳାରା ରେ ୧୪୫ ଜଣ ଚାଷୀଙ୍କୁ ୪ କୋଟି ୪୭ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି କରାଯାଇଛି। ଏହା ବାବଦକୁ ୧ କୋଟି ୩୧ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯାଇଛି। ଆଗାମୀ ଦୁଇ ମାସ ମଧ୍ୟରେ ୫୦ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ଜୟପୁର ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଏଚଆରଆରଏସର ଦାୟୀତ୍ୱରେ ରହିଥିବା ଅଧିକାରୀ ମିହିର ରଞ୍ଜନ ମହାନ୍ତି ଏବଂ ସହକାରୀ କୃଷି ନିର୍ଦ୍ଦେଶକ କାହ୍ନୁ ଚରଣ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମେଳା ଶେଷରେ କୃଷି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

